**ସଂକ୍ଷେପରେ**

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

ପାପଡ଼ାହାଣ୍ଡି,୧୧।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ପଞ୍ଚାୟତର ଛଟାଗୁଡ଼ା ଗ୍ରାମରେ ବୁଧବାର ରାତିରେ ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେ ହେଲେ ଗାଁର ତ୍ରିନାଥ ପୂଜାରୀ। ସୂଚନା ଅନୁଯାୟୀ, ତ୍ରିନାଥ ରାତିରେ ଶୌଚ ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣର ଶିକାର ହୋଇଥିଲେ। ଚିତ୍କାର କରି ପଡ଼ୋଶୀ ଲୋକଙ୍କୁ ଡାକିବାରୁ ଭାଲୁ ଜଙ୍ଗଲ ଦିଗକୁ ଚାଲିଯାଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ଗୁରୁତର ଅବସ୍ଥାରେ ତ୍ରିନାଥଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିତ ଥିବାବେଳେ ପନ୍ଦର ଦିନ ମଧ୍ୟରେ ସୁସ୍ଥ ହୋଇଯିବେ ବୋଲି ଡା. ଲକ୍ଷ୍ମୀ ନାରାୟଣ ବିଶୋଇ କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ବସ୍ ହେଲ୍‌ପରଙ୍କ ମୃତ୍ୟୁ

ଟିକିରି,୧୧।୮(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରି ବସଷ୍ଟାଣ୍ଡରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ବିଦ୍ୟୁତ୍ ଆଘାତରେ ଏକ ଘରୋଇ ବସ୍‌ର ହେଲ୍‌ପରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାୟଗଡ଼ା ଜିଲା ସଦର ବ୍ଲକ ହାଲୁଆ ପଞ୍ଚାୟତ ଅନ୍ତର୍ଗତ କୋଡିଙ୍ଗିଗୁଡ଼ା ଗ୍ରାମର ନୀର। ନୀର ଘରୋଇ ହନୁମାନ ବସ୍‌ରେ ହେଲ୍‌ପର ଭାବେ କାମ କରୁଥିଲେ। ଟିକିରି ବସଷ୍ଟାଣ୍ଡରେ ବସ୍‌ରୁ ପାଇପ ଓହ୍ଲାଇବା ସମୟରେ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଟିକିରି ଥାନା ଏଏସ୍‌ଆଇ ମନୋଜ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବ ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## କୌଶଳରେ ଭାଲୁ କବଳରୁ ଜୀବନ ବଞ୍ଚାଇଲେ, ଜଣେ ଗୁରୁତର



ଡାବୁଗାଁ,୧୧।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳା ପଞ୍ଚାୟତର ସିନ୍ଧିକାଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ ଜଣେ ବ୍ୟକ୍ତି ଭାଲୁ କବଳରୁ ନିଜ ଜୀବନ ସହ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଅଞ୍ଚଳା ଗ୍ରାମର ସୁନ୍ଦର ସିଂ ମାଝି(୪୫) ଏବଂ ତୀର୍ଥ ଭତ୍ରା(୫୦) କୌଣସି କାମରେ ଗାଁ ପାଖ ଡୁମାଗୁଡ଼ା ନିକଟ ପାହାଡ଼କୁ ଯାଇଥିଲେ। ସେଠାରେ ସୁନ୍ଦରଙ୍କୁ ଭାଲୁ ଆକ୍ରମଣ କରିଥିଲା। ହେଲେ ସାଙ୍ଗରେ ଥିବା ତୀର୍ଥ କୌଶଳ କ୍ରମେ ଭାଲୁ କବଳରୁ ନିଜକୁ ଏବଂ ସୁନ୍ଦରଙ୍କୁ ବଞ୍ଚାଇଥିଲେ। ଭାଲୁ ଆକ୍ରମଣରେ ସୁନ୍ଦରଙ୍କ ମୁହଁ ଏବଂ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲେ ମଧ ଜୀବନ ବଞ୍ଚିଯାଇଛି। ଗୁରୁତର ସୁନ୍ଦରଙ୍କୁ ଡବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ରକ୍ଷାବନ୍ଧନ ଉତ୍ସବ



ଚନ୍ଦାହାଣ୍ଡି,୧୧।୮(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡ଼ା ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାଖାକେନ୍ଦ୍ର ବ୍ରହ୍ମାକୁମାରୀ ପାଠଶାଳାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶାଖା କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ମମତା ରାକ୍ଷୀ ବନ୍ଧନ ଉତ୍ସବର ଆଧାତ୍ମିକ ରହସ୍ୟ ଉପରେ ଆଲୋକପାତ କରିଥିଲେ। ସମସ୍ତ ଦୁର୍ଗୁଣ ତ୍ୟାଗକରି ପରମାତ୍ମାଙ୍କ ସହ ପବିତ୍ରତାର ସୂତ୍ରରେ ବାନ୍ଧିହେବା ଦ୍ୱାରା ମାନବ ସମାଜ ଏକତାର ସୂତ୍ରରେ ବାନ୍ଧିହୋଇ ପାରିବେ ଏବଂ ଭ୍ରାତୃଭାବ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି। ମୁଖ୍ୟ ଅତିଥି ଭାବେ ଏବିଇଓ ବିଜୟାନନ୍ଦ ସୋରି, ସମ୍ମାନିତ ଅତିଥି ରୂପେ ଶିକ୍ଷକ ପଦ୍ମଲୋଚନ ସାହୁ, ସୁଷମା ମେହେର ଏବଂ ଶ୍ୟାମଘନ ପାଣି ଯୋଗଦେଇ ରକ୍ଷା ବନ୍ଧନ ତଥା ଗହ୍ମା ପୂର୍ଣ୍ଣିମା ବିଷୟରେ ଆଲୋକପତ କରିଥିଲେ। ସମସ୍ତେ ନିଜ ଜୀବନରେ ଆଧାତ୍ମିକତାକୁ ଆପଣେଇଲେ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରାପ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ବ୍ରହ୍ମାକୁମାରୀ ଏବଂ ବ୍ରହ୍ମାକୁମାର ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିଥିଲେ। ବ୍ରହ୍ମାକୁମାର ଦେବାନନ୍ଦ ଧନ୍ୟବାଦ ଦେଇଥିଲେ।

# ପୁଣି ୩ କି.ମି. ବୁହାହେଲେ ଗର୍ଭବତୀ

ଟିକିରି,୧୧।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ଅନେକ ଗାଁକୁ ପକ୍କାରାସ୍ତା ନ ଥିବାରୁ ବାରମ୍ବାର ଗର୍ଭବତୀ ବୁହା ହେଉଥିବା ଚିତ୍ର ସାମ୍ନାକୁ ଆସୁଛି। ଗୋଡ଼ିବାଲି ପଞ୍ଚାୟତର ଦୁରୂପାଇ ଗ୍ରାମରେ ଗୁରୁବାର ଏଭଳି ଘଟଣାର ପୁନରାବୃତ୍ତି ଘଟିଛି। ଗାଁର ରାମଚନ୍ଦ୍ର ମାଝିଙ୍କ ସ୍ତ୍ରୀ ସୁଧା ବୁଧବାର ରାତିରେ ଗର୍ଭ ଯନ୍ତ୍ରଣା ଅନୁଭବ କରିଥିଲେ। ଆଶାକର୍ମୀ ହାରାବତୀ ବିଶୋଇ ଏବଂ ଏଏନ୍‌ଏମ୍ ଜେମାମଣି ସେଠୀଙ୍କୁ ଜଣାଇବା ପରେ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଯାଇଥିଲା। ହେଲେ ଦୁରୂପାଇ ଗାଁକୁ ଭଲ ରାସ୍ତା ନ ଥିବାରୁ ଗର୍ଲିମା ଛକଠାରେ ଆମ୍ବୁଲାନ୍ସ ଅଟକିଯାଇଥିଲା। ବାଧହୋଇ ଆମ୍ବୁଲାନ୍ସ ଚାଳକ ପରୀକ୍ଷିତ ନାଏକ, ଆଶାକର୍ମୀ, ମାତୃଗୃହରେ କାର୍ଯ୍ୟରତ ପଦ୍ମିନୀ ଶବର ଓ ଏଏନ୍‌ଏମ୍ ଗାଁକୁ ଯାଇ ସୁଧାଙ୍କୁ ତାଙ୍କ ପରିବାର ଲୋକଙ୍କ ସହଯୋଗରେ ୩ କି.ମି. ବାଟ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ତାଙ୍କୁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏବେ ଗର୍ଭବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଆମ୍ବୁଲାନ୍ସ ଚାଳକ ପରକ୍ଷିତ ଅନେକ ସମୟରେ ଦୁର୍ଗମ ଅଞ୍ଚଳରୁ ଗର୍ଭବତୀ ଏବଂ ରୋଗୀଙ୍କୁ ଡାକ୍ତରଖାନା ନେବାରେ ସାହାଯ୍ୟ କରି ରାଜ୍ୟ ସରକାରଙ୍କ ଠାରୁ ବେଷ୍ଟ ପାଇଲଟ ସମ୍ମାନରେ ସମ୍ମାନିତ ହୋଇଛନ୍ତି।



ସୁଧାଙ୍କୁ ଆମ୍ବୁଲାନ୍ସ ଚାଳକ, ଆଶାକର୍ମୀ ଏବଂ ପରିବାର ଲୋକେ ଷ୍ଟ୍ରେଚରରେ ବୋହିକି ନେଉଛନ୍ତି।

**ଗାଁକୁ ହୋଇପାରୁନି ପକ୍କାରାସ୍ତା**

# ବାହାରିଲା ମଶାଲ ଶୋଭାଯାତ୍ରା, କରାଗଲା ପତାକା ସ୍ଥାପନ

ନବରଙ୍ଗପୁର,୧୧।୮(ବି.ପ୍ର.)

ନବରଙ୍ଗପୁର ଆର୍‌ସିଡି ଉଚ୍ଚ ବିଦ୍ୟାଳୟରେ ନବରଙ୍ଗପୁର ଜିଲା ବିକାଶ ପରିଷଦ, ନେହେରୁ ଯୁବକେନ୍ଦ୍ର ପକ୍ଷରୁ କ୍ରାନ୍ତିଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ପରିଷଦ ଅଧ୍ୟକ୍ଷ ସିରଜୁଦ୍ଦିନ ଅହମ୍ମଦ, ମୁଖ୍ୟବକ୍ତାଭାବେ ବିଜୟ ମିଶ୍ର, ମାଆ ଘର ଅଧକ୍ଷା କାଦମ୍ବିନୀ ତ୍ରିପାଠୀ ମଞ୍ଚସୀନ ଥିଲେ। ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ନେହେରୁ ଯୁବକେନ୍ଦ୍ର ପକ୍ଷରୁ ପ୍ରକାଶିତ ଶିଶୁ ସୁରକ୍ଷା, ଜଳ ପରିମଳ ତଥା କୋଭିଡ ପରିଚାଳନା ସମ୍ପର୍କିତ ପୁସ୍ତକକୁ ଅତିଥିମାନେ ପ୍ରଦର୍ଶନ କରିଥିଲେ। ଭାରତ ଛାଡ଼ ଆନ୍ଦୋଳନର ୮୦ବର୍ଷ ପୂର୍ତ୍ତି ଅବସରରେ ପାଳିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଦେଶ ସ୍ୱାଧୀନରେ ସଂଗ୍ରାମୀଙ୍କ ଭୂମିକା ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସାମାଜିକ କର୍ମୀ ଜଗନାଥ ମହାପାତ୍ର ପାପଡାହାଣ୍ଡି ଗୁଳିକାଣ୍ଡ ସମ୍ପର୍କରେ ଛାତ୍ରୀ ଛାତ୍ରଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗନ୍ନାଥ ମହାପାତ୍ର, ଜେମାମଣି ବିଷୋୟୀ, କାଦମ୍ବିନୀ ତ୍ରିପାଠୀ ,ସିରାଜ ଅହମ୍ମଦ ଓ ସମନାଥ ବିଶୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଉଚ୍ଚ ବିଦ୍ୟାଳୟରୁ ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ବ୍ରିଟିଶ ଅମଳର ଜେଲ ଗୃହ ପର୍ଯ୍ୟନ୍ତ ଏକ ମଶାଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରେ ଜାତୀୟ ପତାକା ସ୍ଥାପନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସିରଜୁଦ୍ଦିନ ଅହମ୍ମଦ ପରିଚାଳନା କରିଥିଲେ।



ତ୍ରିରଙ୍ଗା ରାଖୀ ସହ ଛାତ୍ରୀଛାତ୍ର।

# ଯବାନ, ଡାକ୍ତରଙ୍କୁ ତ୍ରିରଙ୍ଗା ରାଖୀ ବାନ୍ଧିଲେ ଛାତ୍ରୀଛାତ୍ର

ରାୟଗଡ଼ା ଅଫିସ,୧୧।୮

ଜୁପିଟର ଆନ୍ତର୍ଜାତୀୟ ବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ଦେଶର ପ୍ରକୃତ ରକ୍ଷକ ସାଜିଥିବା ସିଆର୍‌ପିଏଫ ଯବାନ ମାନଙ୍କୁ ୪ର୍ଥ ବାଟାଲିଅନ ପରିସରରେ, ଡାକ୍ତର ଓ ନର୍ସମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏବଂ ପୋଲିସ କର୍ମଚାରୀଙ୍କୁ ସଦର ଥାନା ପରିସରରେ ରାକ୍ଷୀ ବାନ୍ଧିଥିଲେ। ଏଥିସହ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଜିଲାପାଳ ସ୍ୱଧା ଦେବ ସିଂଙ୍କ ନିକଟକୁ ମଧ ଶୁଭେଚ୍ଛା ବାର୍ତ୍ତା ସହ ରାକ୍ଷୀ ପଠାଇଥିଲେ। ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ୩୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଜ ହାତରେ ଜାତୀୟ ପତାକାର ତିନି ରଙ୍ଗର ରାକ୍ଷୀ ତିଆରି କରି ରକ୍ଷା ବନ୍ଧନର ପ୍ରକୃତ ମହତ୍ତ୍ୱକୁ ପ୍ରତିପାଦନ କରିବାର ପ୍ରୟାସ କରିଥିଲେ। ଛାତ୍ରୀଛାତ୍ରଙ୍କ ଏହି ପ୍ରୟାସକୁ ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଗୋବିନ୍ଦ ପ୍ରସାଦ ରଥ ଓ ୪ର୍ଥ ବଟାଲିୟନର କମାଣ୍ଡାଣ୍ଟ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଥିଲେ।

## ନନ୍ଦାହାଣ୍ଡିରେ ଶହୀଦ ମିନାର ସ୍ଥାପନ ନେଇ ଭିତ୍ତିପ୍ରସ୍ତର



ଶୋଭାଯାତ୍ରାରେ ବାହାରିଥିବା କଂଗ୍ରେସ ନେତା, କର୍ମୀ ଓ ଅନ୍ୟମାନେ।

ନନ୍ଦାହାଣ୍ଡି,୧୧।୮(ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଦଳୀୟ କର୍ମୀମାନେ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ନନ୍ଦାହାଣ୍ଡି ବ୍ଲକ ନୂଆଗାଁରୁ ବାହାରିଥିଲା। ଲଗାଣବର୍ଷା ସତ୍ତ୍ୱେ ଶହ ଶହ କର୍ମୀ ଏବଂ ନନ୍ଦାହାଣ୍ଡି ବ୍ଲକରୁ ଶହୀଦଙ୍କ ପରିବାର ଶୋଭାଯାତ୍ରାରେ ଦହଣା ପର୍ଯ୍ୟନ୍ତ ଯାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ପର୍ଯ୍ୟନ୍ତ ଚାଲିବ। ସମସ୍ତେ ଏଥିରେ ଯୋଗଦେଇ ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରନ୍ତୁ ବୋଲି ମୁନା ତ୍ରିପାଠୀ ଅନୁରୋଧ କରିଛନ୍ତି । ନନ୍ଦାହାଣ୍ଡିର ନୂଆଗାଁରେ ଶହୀଦ ସ୍ତମ୍ଭ ନିର୍ମାଣ ପାଇଁ ପିସିସି ଉପସଭାପତି ଭୁଜବଳ ମାଝି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ପିସିସି ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମାଲକାନଗିରି ବିଧାୟକ ନିମାଇଁ ସରକାର, ଚୁନା ମହାପାତ୍ର, ଜିଲା କଂଗ୍ରେସ ଉପସଭାପତି ଦିଲୀପ ବେହେରା, ଜିଲା ଆଦିବାସୀ କଂଗ୍ରେସ ସଭାପତି ଦିଲୀପ ପ୍ରଧାନୀ, ଯୁବ କଂଗ୍ରେସ ସଭାପତି ଦ୍ୱାରିକା ନାଥ ମହାପାତ୍ର, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ,ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରେସ ସଭାପତି ପ୍ରହଲ୍ଲାଦ ହିଆଲ, ଜିଲା ସେବାଦଳ ମୁଖ୍ୟ ଶେଖଚାନ୍ଦ ଉସମାନି, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଭୀମ ପାଣିଗ୍ରାହୀ, କିଶୋର ସିଂ, ରୁନା ଦାସ,ନବରଙ୍ଗପୁର ବ୍ଲକ୍ କଂଗ୍ରେସ ସଭାପତି ଅବଦୁଲ୍ ଫିରୋଜ, ସଂଗ୍ରାମୀ ପରିବାର ବହୁ ସଦସ୍ୟ,ସୋସିଆଲ ମିଡିଆ ସଂଯୋଜକ ସୁରଜ୍ ଲାଲଙ୍କ ସହ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## କାର ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ



ପଟ୍ଟାଙ୍ଗୀ,୧୧।୮(ଡି.ଏନ.ଏ)

କୋରାପୁଟ ଜଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ସୁଙ୍କି ଫାଣ୍ଡି ଅଧୀନ ମେଟାବାଲସା ଗ୍ରାମ ନିକଟରେ ଏକ କାର ଦୁର୍ଘଟଣାଗସ୍ତ ହୋଇଛି। ଫଳରେ ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ହୋଇଛି। ଏନେଇ ଖବର ପାଇ ଫାଣ୍ଡି ଅଧିକାରୀ କରୁଣାକର ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡିଛି । ବୁଧବାର ପଡୋଶୀ ଆନ୍ଧ୍ର ସାଲୁର ଥାନା ଅଧୀନ ମାଉଡିପେଲି ଗ୍ରାମର କେ. ସୁରୀ ନାରାୟଣ ନିଜ ମାରୁତି କାର (ନଂ ଏପି୩୫ସି୬୭୯) ଯୋଗେ ସୁଙ୍କି ପଞ୍ଚାୟତ ଦେଇ ଅମ୍ପାବାଲି ଅଭିମୁଖେ ଯାଉଥିଲେ। ହଠାତ ଭାରସାମ୍ୟ ହରାଇ ମେଟାବାଲସା ଗ୍ରାମ ନିକଟସ୍ଥ ରାସ୍ତା କଡରେ ଡ୍ରେନ ଭିତରକୁ ଚାଲି ଯାଇଥିଲା। ଫଳରେ କାର ଚାଳକ ସୁରୀ ନାରାୟଣ ଡ୍ରେନ ଭିତରେ ମୁହଁ ମାଡ଼ି ତଳେ ପଡି ଯାଇଥିଲେ। ଦୁର୍ଘଟଣା ବିଳମ୍ବିତ ରାତିରେ ହୋଇଥିବା ରୁ ଘଟଣା ସମ୍ପର୍କରେ କେହି ପାରି ନଥିଲେ। ଗୁରୁବାର ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଏ ସମ୍ପର୍କରେ ଜାଣି ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଶବର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତଦେହ ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଡାକଘର ସାମ୍ନାରେ ସେଲ୍ଫି ପଏଣ୍ଟ



ଡାକଘର ସମ୍ମୁଖରେ ଘରେ ତ୍ରିରଙ୍ଗା ଲଗାଇବାକୁ ଆହ୍ୱାନ କରାଯାଉଛି ।

ଡାବୁଗାଁ, ୧୧।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ହର୍ ଘର ତ୍ରିରଙ୍ଗା ଅଭିଯାନରେ ଡାବୁଗାଁ ଉପ ଡାକଘରେ ବୁଧବାର ଜାତୀୟ ପତାକା ବିକ୍ରି ଆରମ୍ଭ କରାଯାଇଛି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜାଦି କା ଅମୃତ ମହୋତ୍ସବ ଦେଶରେ ପାଳନ କରାଯାଉଛି। ଘରେ ଜାତୀୟ ପତାକା ଲଗାଇବା ପ୍ରତ୍ୟେକ ଭାରତୀୟଙ୍କ ସ୍ୱପ୍ନ ଥିବାବେଳେ ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଘରେ ତ୍ରିରଙ୍ଗା ଲଗାଇବାକୁ ପ୍ରଧାନମାନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ପଦକ୍ଷେପ ସ୍ୱରୂପ ଜାତୀୟ ପତାକା ଏବେ ପ୍ରତ୍ୟକ ଡାକ ଘରେ ଏବଂ ଉପଡାକ ଘରେ ବିକ୍ରି କରାଯାଉଛି। ସବୁ ବର୍ଗର ବ୍ୟକ୍ତି ଡାକ ଘରୁ ଜାତୀୟ ପତାକା କ୍ରୟ କରୁଛନ୍ତି। ପ୍ରତ୍ୟେକ ତ୍ରିରଙ୍ଗାର ଦର ୨୫ ଟଙ୍କା ଧାର୍ଯ୍ୟ କରାଯାଇଛି। ବୁଧବାର ୧୦୧୦ ପତାକା ବିକ୍ରି ହୋଇଥିବା ଡାବୁଗାଁ ଉପ ଡାକପାଳ ଦୀପ୍ତି ନାରାୟଣ ସେଠୀ କହିଛନ୍ତି। ହର ଘର ତ୍ରିରଙ୍ଗା ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଡାକଘର ସାମ୍ନାରେ ଏକ ସେଲ୍ଫିପଏଣ୍ଟ କରାଯାଇଛି।

**ହର ଘର ତ୍ରିରଙ୍ଗା ଅଭିଯାନକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟ**

## ଆର୍‌ଡି ରାସ୍ତା ମରାମତି ଦାବି

ଭଞ୍ଜନଗର,୧୧।୮(ଡି.ଏନ.ଏ.)

ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ଆମ୍ବପୁଆ–ମୋଟାବାଡ଼ି ଆର୍‌ଡି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଦୈନନ୍ଦିନ ଉକ୍ତ ରାସ୍ତାରେ ହଜାର ହଜାର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଲଗୁଣ୍ଠାରୁ ଭାୟା ଆମ୍ବପୁଆ ଦେଇ ଅଧିକାଂଶ ଗାଡି ବୁଗୁଡ଼ା ଯାଉଛି।

## ପାଣି ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ, ଚାଳକ ମୃତ

ଟିକିରି, ୧୧।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକର ଝାଡ଼ାବାନ୍ତି ପ୍ରଭାବିତ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ନିୟୋଜିତ ପାଣି ଟ୍ରାକ୍ଟର ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ପଞ୍ଝାଳି ଗ୍ରାମରେ ପାନୀୟ ଜଳ ଯୋଗାଇ ଫେରିବା ସମୟରେ ଗାଡ଼ି ଟିକିରି ଥାନା ଅଧୀନ କାଳିଆପଡ଼ା ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଟିକିରି ଥାନା ମୁଣ୍ଡୁରିପଦର ଗ୍ରାମର କୃଷ୍ଣ ମାଝି ଓ ଗୁରୁତର ବ୍ୟକ୍ତି ହେଲେ ସେହି ଗ୍ରାମର ଗିରିଧର ମାଝି। ଗୁରୁତର ଗିରିଧରଙ୍କୁ ପ୍ରଥମେ ଟିକିରି ସାସ୍ଥ୍ୟକେନ୍ଦ୍ର ଓ ପରେ ଉଷାପଡ଼ା ସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



# ଜିଲା କୋର୍ଟରେ ରକ୍ଷା ବନ୍ଧନ ଉତ୍ସବ

ନବରଙ୍ଗପୁର,୧୧।୮(ବି.ପ୍ର.)

ନବରଙ୍ଗପୁର ଜିଲା ଅଦାଲତ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ନବରଙ୍ଗପୁର ସେବାକେନ୍ଦ୍ର ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେବା କେନ୍ଦ୍ର ନବରଙ୍ଗପୁର ସବ୍‌ଜୋନ ମୁଖ୍ୟ ବ୍ରହ୍ମାକୁମାରୀ ନୀଲମ୍ ଓ ଅନ୍ୟ ସଦସ୍ୟା ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ନୀଲମ୍ ରକ୍ଷା ବନ୍ଧନ ଉତ୍ସବର ତାତ୍ପର୍ଯ୍ୟ ବିଷୟରେ ସୂଚନା ଦେଇଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲା ଓ ଦୌରା ଜଜ୍ ସଞ୍ଜୀବ ଦୁବେ, ପରିବାର ଅଦାଲତର ବିଚାରପତି ମୁନ୍ ରାଣୀ ମିଶ୍ର, ଅତିରିକ୍ତ ଜିଲା ଜଜ୍(ପୋକ୍‌ସୋ) ପ୍ରଣତି ଶାହା, ଅତିରିକ୍ତ ଜିଲା ଜଜ୍(ଆଡ୍‌ହକ)ସଞ୍ଜୟ କୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସୁଦାମ ଚରଣ ସାହୁ, ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ବରିଷ୍ଠ ଦେୱାନୀ ବିଚାରପତି ଅନ୍ନପୂର୍ଣ୍ଣା ନାୟକ, ଏସଡିଜେଏମ ପ୍ରଜ୍ଞା ପଣ୍ଡା, ପ୍ରଥମ ଶ୍ରେଣୀ ବିଚାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର, ଆଇନଜୀବୀ ସମରେଶ ଗନ୍ତାୟତ, ସଦାଶିବ ସାହୁ, ମହେଶ୍ୱର ମହାପାତ୍ର, ତ୍ରିପତି ମାଝି, ତପନ ସିଂ, ସନତ ମିଶ୍ର, ଗୋପାଶିଷ ମହାନ୍ତି ଓ ସମସ୍ତ କୋର୍ଟ କର୍ମଚାରୀଙ୍କୁ ରାକ୍ଷୀ ବାନ୍ଧି ଶୁଭକାମନା ଜଣାଇଥିଲେ।

**ଜିଲା କୋର୍ଟରେ ରକ୍ଷା ବନ୍ଧନ ଉତ୍ସବ**



ରକ୍ଷା ବନ୍ଧନ ଉତ୍ସବରେ ଉପସ୍ଥିତ ବିଚାରପତି, ଆଇନଜୀବୀ, କୋର୍ଟ କର୍ମଚାରୀ ଓ ବ୍ରହ୍ମାକୁମାରୀମାନେ।

# ଅଣଦେଖା କଲା ପୂର୍ତ୍ତ ବିଭାଗ, ରାସ୍ତା ସମତୁଲ କଲେ ଅଞ୍ଚଳବାସୀ

ଉମରକୋଟ/ଧୋଡ୍ରା, ୧୧।୮(ସ୍ୱ.ପ୍ର./ଡି.ଏନ୍.ଏ.)

ରାସ୍ତା ମରାମତି ପାଇଁ ବାରମ୍ବାର ଜଣାଇବା ପରେ ମଧ କାମ ନ ହେବାରୁ ଅଞ୍ଚଳବାସୀ ଏବଂ ସ୍ଥାନୀୟ ବ୍ୟବସାୟୀ ନିଜେ ରାସ୍ତା ସମତୁଲ କରିବାକୁ ବାଧ ହୋଇଛନ୍ତି। କୋଡ଼ି, ଜମେଲା ଧରି ସେମାନେ ରସ୍ତା ମରାମତି କରିଛନ୍ତି। ଉମରକୋଟ ଥାନା ଅଧୀନ ଧୋଡ୍ରା ଗ୍ରାମରେ ଗୁରୁବାର ଏଭଳି ଚିତ୍ର ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଧୋଡ୍ରା ଗ୍ରାମ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟିହୋଇ ବର୍ଷାରେ ପାଣି ଜମିରହୁଥିଲା। ଖାଲ ଥିବା ଜାଣି ନ ଥିବା ବ୍ୟକ୍ତି ଏହି ରାସ୍ତାରେ ଯାତାୟାତ ବେଳେ ଦୁର୍ଘଟଣା ଆଶଙ୍କା ରହିଥିଲା। ଅଞ୍ଚଳବାସୀ ପୂର୍ତ୍ତ ବିଭାଗକୁ ଅନେକ ଥର ଜଣାଇଥିଲେ ମଧ ଅଣଦେଖା କରାଯାଇଥିଲା। ତେଣୁ ବାଧହୋଇ ନିଜେ ରାସ୍ତା ମରାମତି କରିଥିବା ଗ୍ରାମବାସୀ ଓ ବ୍ୟବସାୟୀ ମାନେ ପ୍ରକାଶ କରିଛନ୍ତି। ଗ୍ରାମର ତିନୋଟି ମୁଖ୍ୟ ସ୍ଥାନରେ ପ୍ରାୟ ୨୫ ମିଟର ଲମ୍ବା ରାସ୍ତାରେ ପଥର ଗୁଣ୍ଡ ପକାଇ ସମତୁଲ କରାଯାଇଛି। ଏଥିରେ ପ୍ରାୟ ୧୨୦୦୦ ଖର୍ଚ୍ଚ ହୋଇଥିବା ସେମାନେ କହିଛନ୍ତି। ଏହି ରାସ୍ତା ୪୦ ନଂ. ରାଜ୍ୟ ରାଜପଥ ଏବଂ ଉମରକୋଟ ଓ ପଡ଼ୋଶୀ ରାଜ୍ୟକୁ ସଂଯୋଗ କରୁଛି। ତଥାପି ବିଭାଗ ଅଣଦେଖା କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀ ଗୌରାଙ୍ଗ ମାଝିଙ୍କୁ ପଚାରିବାରୁ ସେ ଟ୍ରେନିଂ ପାଇଁ ବାହାରେ ଥିବା କହିଛନ୍ତି।




ଗ୍ରାମବାସୀ ଏବଂ ସ୍ଥାନୀୟ ବ୍ୟବସାୟୀ ରାସ୍ତାରେ ପଥର ଗୁଣ୍ଡ ପକାଇ ସମତୁଲ କରୁଛନ୍ତି।

## ସଂକ୍ଷେପରେ

### ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରକ୍ଷା ବନ୍ଧନ ଉତ୍ସବ

ମାଲକାନଗିରି, ୧୧।୮ (ଡି.ଏନ.ଏ.)- ମାଲକାନଗିରି ଜିଲାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ମାଲକାନଗିରି ଜିଲା ବାଲିମେଳା ଏନଏସି ଅଞ୍ଚଳରେ ଥିବା ବିବେକାନନ୍ଦ ପ୍ରଭାତ ଶାଖାରେ ମଧ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ସମାଜିକ କର୍ମୀ ଏନ.ଦାଶରଥୀ ଓ ମୁଖ୍ୟ ବକ୍ତା ଭାବେ ଜିଲା ବୌଦ୍ଧିକ ପ୍ରମୁଖ ନରସିଂହ କୋପେ ଯୋଗ ଦେଇ ଥିଲେ। ଉତ୍ସବର ଆରମ୍ଭରେ ଭାରତ ମାତା, ଡାକ୍ତର କେଶବ ବଳିରାମ ହେଡଗୱାର୍ ଓ ଶ୍ରୀ ଗୁରୁଜୀଙ୍କ ଫୋଟରେ ପୁଷ୍ପ ମାଲ୍ୟର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହା ରାଖୀ ସ୍ନେହ ସମ୍ପର୍କକୁ ଦୃଢ଼ୀଭୂତ କରୁଥିବା ଏକ ବନ୍ଧନ ବୋଲି ଉପସ୍ଥିତ ଅତିଥି ମାନେ ମତ ପ୍ରକାଶ କରିଥିଲେ। ଶେଷରେ ସମସ୍ତେ ପରସ୍ପରକୁ ରାକ୍ଷୀ ବାନ୍ଧିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରକ୍ଷା ବନ୍ଧନ

ମାଲକାନଗିରି, ୧୧।୮ (ଡ.ଏନ.ଏ.)- ରକ୍ଷା ବନ୍ଧନ ଅବସରରେ ମାଲକାନଗିରି ଜିଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ପୌର ପରିଷଦ ଅଧକ୍ଷ ମନୋଜ କୁମାର ବାରିକ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ବେହେରା ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧରେ ୧୨ ନମ୍ବର ୱାର୍ଡ କାଉନସିଲର ତ୍ରିମାଳା ନାୟକ, ୧୫ ନମ୍ବର ୱାର୍ଡ କାଉନସିଲର ବିକାଶ ଦାସଙ୍କ ସମେତ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଦସ୍ୟ ଓ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସ ଅତିଥି ପରିଚୟ ଦେଇଥିଲେ। ପରେ ବୃକ୍ଷକୁ ରାଖୀ ବାନ୍ଧି ଅତିଥିଙ୍କ ଦ୍ୱାରା ପ୍ରାଚୀର ପତ୍ରିକା ଉନ୍ମୋଚନ କରାଯାଇଥିଲା। ଅମୃତ ମହୋତ୍ସବ ଅବସରରେ ୭୫ଟି ଦୀପ ପ୍ରଜ୍ୱଳନ କରାଯାଇଥିଲା। ସମ୍ପାଦକ ବୃନ୍ଦିବାମନ ନାୟକ ଧନ୍ୟବାଦ ଦେଇଥିଲେ।

### ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ

ମାଲକାନଗିରି, ୧୧।୮ (ସ୍ୱ.ପ୍ର.) - ମାଲକାନଗିରିରେ ବିଭିନ୍ନ ଅନୁଷ୍ଠାନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଅନାଥ ଆଶ୍ରମ ଆଦି ସ୍ଥାନରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୁରୁବାର ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିବାରୁ ଆନନ୍ଦଉଲ୍ଲାସର ସହ ଏହି ପର୍ବ ପାଳିତ ହୋଇଛି। ଖୋଲିଥିବା ରାକ୍ଷୀ ଷ୍ଟଲଗୁଡିକରେ ଭିଡ ପରିଲକ୍ଷିତ ହୋଇଥିଲା। ପାଗ ଭଲ ରହିବାରୁ ମିଠା କାରବାର ଭଲ ହୋଇଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଧାନମନ୍ତ୍ରୀ ମାତୃ ସୁରକ୍ଷା ଅଭିଯାନ ଆରମ୍ଭ



କୁଡୁମୁଲୁଗୁମ୍ମା, ୧୧।୮ (ଡି.ଏନ.ଏ.)- କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଥମ କରି ସିନି ଆହାନା ପକ୍ଷରୁ ପ୍ରଧାନମନ୍ତ୍ରୀ ମାତୃ ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଛି। ଶିଶୁ ଓ ମାତୃ କିପରି ସୁସ୍ଥ ରହିପାରିବେ ସେନେଇ ସିନି ତରଫରୁ ମା'ମାନଙ୍କୁ ସଚେତନ କରାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହି ଅବସରରେ କୁଡୁମୁଲୁଗୁମ୍ମା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସନ୍ତୋଷ ଷଡଙ୍ଗୀ, ଡାକ୍ତର ମହେଶ ପତି, ବିପିଏମ କେ.ପଦ୍ମନାଭ ରାଓ, ଫାର୍ମାସିଷ୍ଟ ସଞ୍ଜୟ ପୁଷ୍ଟି, ସିନି ଆହାନାର ରାଜ୍ୟ ପ୍ରକଳ୍ପ ଅଧିକାରୀ ବାସୁଦେବ ନନ୍ଦି, କୋରାପୁଟ ଜିଲା ପ୍ରକଳ୍ପ ଅଧିକାରୀ ବିଜ୍ଞାନିକା ଦାସ, କ୍ଷେତ୍ର ଅଧିକାରୀ ଅଜୟ ପାଙ୍ଗିଙ୍କ ସମେତ ଆଶାକର୍ମୀ ଓ ମା'ମାନେ ଉପସ୍ଥିତ ଥିଲେ। ଫଟୋ: କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

### ବୈପାରିଗୁଡାରେ ସର୍ବାଧିକ ବର୍ଷା

କୋରାପୁଟ, ୧୧।୮ (ସ୍ୱ.ପ୍ର.)- ଅନ୍ୟପକ୍ଷରେ ଲଗାଣବର୍ଷା ଯୋଗୁ ଜିଲାର ବୈପାରିଗୁଡା ବ୍ଲକରେ ସର୍ବାଧିକ ୭୭ ମିମି ବର୍ଷା ହୋଇଥିବାବେଳେ ଜୟପୁର ବ୍ଲକରେ ୬୧.୬ମିମି, କୋରାପୁଟ ବ୍ଲକରେ ୬୧ ମିମି, କୋଟପାଡ ବ୍ଲକରେ ୩୪ ମିମି, ବୋରିଗୁମ୍ମା ବ୍ଲକରେ ୨୬.୪ ମିମି ବର୍ଷା, କୁନ୍ଦୁରା ବ୍ଲକରେ ୪୧ ମିମି, ଦଶମନ୍ତପୁର ବ୍ଲକରେ ୪୯ ମିମି, ଲମତାପୁଟ ବ୍ଲକରେ ୨୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ପଟ୍ଟାଙ୍ଗୀ ବ୍ଲକରେ ୮.୨ ମିମି, ସେମିଲିଗୁଡା ବ୍ଲକରେ ୨୧.୪ ମିମି, ବନ୍ଧୁଗାଁ ବ୍ଲକରେ ୧୮ ମିମି, ନାରାୟଣପାଟଣା ବ୍ଲକରେ ୧୦ମିମି, ନନ୍ଦପୁର ବ୍ଲକରେ ୨୦ ମିମି, ଲକ୍ଷ୍ମୀପୁର ବ୍ଲକରେ ୩୯ ମିମି ବର୍ଷା ହୋଇଥିବା ଜଣାପଡିଛି।

# ମଧ୍ୟାହ୍ନଭୋଜନରେ ଅଣ୍ଡା ମିଳୁନି, କମୁଛନ୍ତି ପିଲା

- ଅନ୍ଧାରମୁହାଁ ହେଉଛି ପିଲାଙ୍କ ଭବିଷ୍ୟତ
- ସମୟ ପୂର୍ବରୁ ତାଲା ପକାଇ ଚାଲିଯାଉଛନ୍ତି ଶିକ୍ଷକ
- ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି:ବ୍ଲକ ଶିକ୍ଷା ଅଧିକାରୀ

ଦଶମନ୍ତପୁର, ୧୧।୮ (ଡି.ଏନ.ଏ.)

ନିୟମିତ ଭାବେ ବିଦ୍ୟାଳୟ ଆସୁନାହାନ୍ତି ଶିକ୍ଷକ। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରେ ଦେବା ଲାଗି ପ୍ରଦାନ କରାଯାଉଥିବା ଅଣ୍ଡା ହଡ଼ପ କରାଯାଉଥିବାରୁ ବିଦ୍ୟାଳୟ ଆସିବା ପ୍ରତି ସେମାନଙ୍କ ଆଗ୍ରହ କମିଯାଉଛି। ଫଳରେ ପିଲାଙ୍କ ଭବିଷ୍ୟତ ଅନ୍ଧାରମୁହାଁ ହେଉଛି। ଶିକ୍ଷୟିତ୍ରୀଶିକ୍ଷକମାନେ ପିଲାଙ୍କୁ ବିଦ୍ୟାଳୟରେ ଶିକ୍ଷାଦାନ ପରିବର୍ତ୍ତେ ବିଭିନ୍ନ ଆଳ ଦେଖାଇ ଏଥିରୁ ଦୂରେଇ ରହୁଛନ୍ତି। ଏଭଳି ଅଭିଯୋଗ ଆସିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରୁ। ଏହି ବ୍ଲକର ପିଣ୍ଡାପଦର ପଞ୍ଚାୟତ ହରିଡା ଗ୍ରାମବାସୀ ଏପରି ଅଭିଯୋଗ ଆଣିଛନ୍ତି। ଏହି ଗ୍ରାମରେ ୨୦୦୩ରେ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟରେ ୭୦ ଜଣ ଛାତ୍ରୀଛାତ୍ର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପାଠ ପଢନ୍ତି। ସେମାନଙ୍କୁ ଶିକ୍ଷାଦାନ ପାଇଁ ଦୁଇ୨ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ମାତ୍ର ଏହି ଶିକ୍ଷକମାନେ ନିୟମିତ ବିଦ୍ୟାଳୟ ଆସୁନାହାନ୍ତି। ପିଲାଙ୍କୁ ମଧ୍ୟାହ୍ନଭୋଜନରେ ପୁଷ୍ଟିକର ଖାଦ୍ୟ ରୂପେ ସପ୍ତାହକୁ ୩ ଦିନ ଅଣ୍ଡା ତରକାରି ଓ ଭାତ ଦେବା ନିୟମ ଥିବା ବେଳେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନରେ ଅଣ୍ଡା ମିଳୁ ନ ଥିବା କେତେଜଣ ଛାତ୍ରୀଛାତ୍ର ପ୍ରକାଶ କରିଛନ୍ତି। ଏନେଇ ବିଦ୍ୟାଳୟ ଶିକ୍ଷକଙ୍କୁ ପଚାରିବାକୁ ଯାଇଥିବା ବେଳେ ମଧ୍ୟାହ୍ନ ଗୋଟାଏରୁ ବିଦ୍ୟାଳୟରେ ତାଲା ପକାଇ ଶିକ୍ଷକମାନେ ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ବିଦ୍ୟାଳୟ ପାଚିକା ପୂର୍ଣ୍ଣିମା ପାଇକଙ୍କୁ ପଚାରିବାରୁ ସେ ବିଦ୍ୟାଳୟରେ ପିଲାଙ୍କୁ ନିୟମିତ ଅଣ୍ଡା ମିଳୁ ନ ଥିବା ଅଭିଯୋଗକୁ ସ୍ୱୀକାର କରି ଦୋକାନରେ ଅଣ୍ଡା ନ ଥିବାରୁ ଦେଇ ହୋଇନାହିଁ ବୋଲି କହିଥିଲେ। ଏସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘଙ୍କୁ ପଚାରିବାରୁ ସେ କହିଲେ, ୧୦ରୁ ୪ଟା ପର୍ଯ୍ୟନ୍ତ ଶିକ୍ଷକମାନେ ବିଦ୍ୟାଳୟରେ ରହିବା କଥା। କାହିଁକି ଆଜି ବନ୍ଦ କରାଯାଇଛି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।



ସମୟ ପୂର୍ବରୁ ବିଦ୍ୟାଳୟ ବନ୍ଦ ରହିଛି।

# ଏୟାରପୋର୍ଟ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ଏୟାରପୋର୍ଟରେ ଜିଲାପାଳ କାର୍ଯ୍ୟ ସମୀକ୍ଷା କରୁଛନ୍ତି।

ଜୟପୁର, ୧୧।୮ (ନି.ପ୍ର.)

ଜୟପୁର ଏୟାରପୋର୍ଟରେ ଜିଲାପାଳ ମହମ୍ମଦ ଅବଦୁଲ ଆକ୍ତର ଗୁରୁବାର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏୟାରପୋର୍ଟରେ ଜିଲାପାଳ ରାସ୍ତା ଓ ଗୃହ ବିଭାଗ, ଦମକଳ ଓ ଜୟପୁର ପୌରପାଳିକା ପକ୍ଷରୁ ହେବାକୁ ଥିବା କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ଏୟାରପୋର୍ଟ ବୁଲି ଦେଖିବା ସହ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଏସଡିଓ ସୋମନାଥ ତ୍ରିପାଠୀଙ୍କ ସମେତ ଅଗ୍ନିଶମ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ସଂଘବଦ୍ଧ ଆକ୍ରମଣ ମାମଲାରେ ୩ ଗିରଫ

ଜୟପୁର, ୧୧।୮ (ନି.ପ୍ର.)

ଏକ ସଂଘବଦ୍ଧ ଆକ୍ରମଣ ମାମଲାରେ ଫେରାର ଥିବା ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନେ ହେଲେ ମକାପୁଟ ଅଞ୍ଚଳର ଦାଣ୍ଡିଆ ଏଲିୟସ ପ୍ରଭୁ ଦାନ ନାଗ, ଜଗା ନାଗ ଓ ଭଗବାନ ଖୋସଲା ଏଲିୟସ ହରିଜନ। ଗତ ୨୦୧୬ରେ ଏମାନେ ଏକ ସଂଘବଦ୍ଧ ଆକ୍ରମଣ ଘଟଣାରେ ଜଡିତ ଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଫେରାର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇ ଗୁରୁବାର ମକାପୁଟରେ ଚଢାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରଥିଲା ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।



ଛାତ୍ରୀମାନେ ଜଙ୍ଗଲରେ ବୃକ୍ଷକୁ ଭାଇ ମନେକରି ରାଖୀ ବାନ୍ଧୁଛନ୍ତି।

# ବୃକ୍ଷରେ ରାଖୀ ବାନ୍ଧି ବିଶ୍ୱ ପରିବେଶ ସୁରକ୍ଷା

**କାମନାକଲେ ଛାତ୍ରୀ**

- ପତ୍ର ଓ ଫୁଲରେ ପ୍ରସ୍ତୁତ ରାଖୀ ବାନ୍ଧିଲେ
- ବୃକ୍ଷର ସୁରକ୍ଷା, ଜଙ୍ଗଲ ଅଭିବୃଦ୍ଧି ବାର୍ତ୍ତା ଦେଲେ
- ଛାତ୍ରୀଙ୍କ ପ୍ରୟାସକୁ ସାଧାରଣରେ ପ୍ରଶଂସା

ମାଲକାନଗିରି, ୧୧।୮ (ଡି.ଏନ୍.ଏ.)

ସ୍ନେହ ମମତାର ପବିତ୍ର ବନ୍ଧନ ହେଉଛି ରାଖୀ। ପୂର୍ବରୁ ଏହା ଗହ୍ମା ପୂର୍ଣ୍ଣିମା ରୂପେ ପରିଚିତ ଥିଲା। ଏହିଦିନ ମଧ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ। ଦେବୀ ସୁଭଦ୍ରା ନିଜ ଭାଇ ଜଗନ୍ନାଥ ଓ ବଳଭଦ୍ରଙ୍କୁ ରାଖୀ ବାନ୍ଧି ଜଗତର ମଙ୍ଗଳ କାମନା କରିଥାନ୍ତି। ସାରା ଦେଶରେ ଆଜିର ଦିନରେ ଘରେ ଘରେ ଆନନ୍ଦଉଲ୍ଲାସର ସହ ରାଖୀ ପର୍ବ ପାଳନ ହୋଇଥାଏ। ଭଉଣୀମାନେ ଭାଇଙ୍କ ହାତରେ ରାଖୀ ବାନ୍ଧି ତାଙ୍କ ଶୁଭକାମନା କରିଥାନ୍ତି। ତେବେ ମାଲକାନଗିରି ଜିଲା ସଦରସ୍ଥିତ ଚଲାଣଗୁଡା କସ୍ତୁରବା ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରୀମାନେ ନିଆରା ଢଙ୍ଗରେ ରାଖୀ ପୂର୍ଣ୍ଣିମା ପାଳନ କରିଛନ୍ତି। ୩୦୦ ଛାତ୍ରୀ ବୃକ୍ଷକୁ ନିଜ ଭାଇ ମନେକରି ବିଦ୍ୟାଳୟ ନିକଟସ୍ଥ ଜଙ୍ଗଲରେ ବିଭିନ୍ନ ଗଛକୁ ପୂଜାର୍ଚ୍ଚନା କରି ସେଥିରେ ରାଖୀ ବାନ୍ଧି ତା'ର ସୁରକ୍ଷା କାମନା କରିଛନ୍ତି। ଏହି ରାଖୀଗୁଡିକ ସେମାନେ ପତ୍ର, ଫୁଲରେ ପ୍ରସ୍ତୁତ କରିଥିଲେ। ସୁସ୍ଥ ସମାଜ ଓ ସୁସ୍ଥ ପରିବେଶ ପାଇଁ ପତ୍ର ଓ ଫୁଲରେ ପ୍ରସ୍ତୁତ କରିଥିବା ରାଖୀ ସେମାନେ ବୃକ୍ଷରେ ବାନ୍ଧି ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି। ଛାତ୍ରୀମାନଙ୍କ ଏପରି ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ପ୍ରତ୍ୟେକ ଛାତ୍ରୀ ବୃକ୍ଷକୁ ନିଜ ଭାଇ ମନେକରି ରାଖୀ ବାନ୍ଧିଲେ ଜଙ୍ଗଲରେ ବୃକ୍ଷରାଜିର ସୁରକ୍ଷା ହୋଇପାରିବ। ଆଗାମୀ ଦିନରେ ଜଙ୍ଗଲ ଅଭିବୃଦ୍ଧି ସହ ସମାଜକୁ ଏକ ଭିନ୍ନ ବାର୍ତ୍ତା ମିଳିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଆଭାରାଣୀ ବିଶ୍ୱାଳ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଲାବଣ୍ୟପ୍ରଭା ଭୂୟାଁ, ବାସନ୍ତୀ ସର୍ଦ୍ଦାର, ଦୀପିକାରାଣୀ ପଣ୍ଡା, ରେଖା ବିଶ୍ୱାସ ପରିଚାଳନା କରିଥିଲେ।

# ଦାମନଯୋଡିରେ ରକ୍ଷା ବନ୍ଧନ ଉତ୍ସବ

ଦାମନଯୋଡି, ୧୧।୮ (ଡି.ଏନ.ଏ.)

ପବିତ୍ର ରକ୍ଷା ବନ୍ଧନ ଓ ଶ୍ରୀ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଦାମନଯୋଡିରେ ପାଳିତ ହୋଇଯାଇଛି। ସକାଳେ ସେକ୍ଟର-୧ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ସୁଦର୍ଶନ, ବଡ଼ଭାଇ ଶ୍ରୀ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ପରେ ଶ୍ରୀ ବଳଭଦ୍ରଙ୍କ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶ୍ରୀ ବଳଭଦ୍ରଙ୍କ ଏକ ମୃଣ୍ମୟ ମୂର୍ତ୍ତିରେ ନ୍ୟାସ, ପ୍ରାଣ ପ୍ରତିଷ୍ଠା କରାଯାଇ ଷୋଡଶ ଉପଚାର ପୂଜା ଓ ହୋମ ହୋଇଥିଲା। ପୂଜକ ସୁଶାନ୍ତ ଦାଶଙ୍କ ସହିତ ମନ୍ଦିର ପୂଜକ ନୀଳାଚଳ ମହାପାତ୍ର, ବିଜୟ ପଣ୍ଡା ଓ ଅମୀୟ ସାମନ୍ତରାୟ ପୂଜାନୀତି ସମ୍ପନ୍ନ କରିଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରଧାନଙ୍କ ସହିତ କର୍ମକର୍ତ୍ତା ଉପେନ୍ଦ୍ର ପାତ୍ର,ଡ ଅଶୋକ ମହାନ୍ତି,ଖଗେଶ୍ୱର ପାତ୍ର,ରବୀନ୍ଦ୍ର ନାଥ ମୁଦୁଲି, ଖଦାଳ ନାୟକଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ବହୁ ଶ୍ରଦ୍ଧାଳୁ ଶ୍ରୀ ବଳଭଦ୍ର ଓ ଶ୍ରୀ ଜଗନ୍ନାଥଙ୍କ ସହିତ ପାର୍ଶ୍ୱ ଦେବାଦେବୀଙ୍କୁ ରାଖୀ ପ୍ରଦାନ କରିଥିଲେ। ସେହିପରି ଆନନ୍ଦ ଉଲ୍ଲାସର ସହିତ ରକ୍ଷାବନ୍ଧନ ଦାମନଯୋଡିର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ସେକ୍ଟର-୧ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳର ରାଜଯୋଗ ଉପକେନ୍ଦ୍ରଠାରେ ମଧ ରକ୍ଷା ବନ୍ଧନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା।

# ରାକ୍ଷୀ ବାନ୍ଧି ଭାଇଚାରା ସୃଷ୍ଟି କଲେ ଡ୍ରାଇଭର ସାଥୀ

ପଟ୍ଟାଙ୍ଗୀ, ୧୧।୮ (ଡି.ଏନ.ଏ.)

ସାରା ଦେଶରେ ଗୁରୁବାର ପ୍ରତି ଘରେ ପାଳିତ ହୋଇଛି ରାଖୀ ପୂର୍ଣ୍ଣିମା। କୋରାପୁଟ ଜିଲା ପଟ୍ଟାଙ୍ଗୀ ଅଞ୍ଚଳରେ ଜଣେ ଡ୍ରାଇଭର ଆଉ ଜଣେ ସାଥୀ ଡ୍ରାଇଭରଙ୍କୁ ରାଖୀ ବାନ୍ଧି ଭାଇଚାରା ସୃଷ୍ଟି କରି ଚର୍ଚ୍ଚାକୁ ଆସିଛନ୍ତି। ସୂଚନା ଅନୁଯାୟୀ ପଟ୍ଟାଙ୍ଗୀ ମୋଟର ଚାଳକ ସଂଘର ଆହ୍ୱାନରେ ଶାଖା କାର୍ଯ୍ୟାଳୟରେ ସମ୍ପାଦକ ଶରତ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆୟୋଜିତ ହୋଇଥିଲା ରାକ୍ଷା ବନ୍ଧନ କାର୍ଯ୍ୟକ୍ରମ। ଏହାକୁ ଶାଖା ସଭାପତି ଅର୍ଜୁନ ଖରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ବଳରାମ ହନ୍ତାଳ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇ ନିଜ ନିଜ ମଧରେ ରାଖୀ ବାନ୍ଧି ଭାଇଚାରା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଡ୍ରାଇଭର ଭାଇମାନେ ନିଜ ଭଉଣୀଙ୍କଠାରୁ ରାଖୀ ବାନ୍ଧିବାରୁ ବଞ୍ଚିତ ହେଉଥିବାରୁ ଜଣେ ଡ୍ରାଇଭର ଅନ୍ୟ ଜଣ ଡ୍ରାଇଭରଙ୍କ ହାତରେ ରାଖୀ ବାନ୍ଧି ଭାଇଚାରାର ପରିଚୟ ଦେଇଥିଲେ। ଏହା ହିଁ ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଶାଖାର ଅତିଥିମାନେ ମତ ପ୍ରକାଶ କରିଥିଲେ। ସମସ୍ତ ଡ୍ରାଇଭରମାନେ ରାଜପଥ କଡରେ ଛିଡା ହୋଇ ଯାତାୟାତ କରୁଥିବା ଯାନକୁ ଅଟକାଇ ରାଖୀ ବାନ୍ଧି ଭାଇଚାରାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମକୁ କୋଷାଧକ୍ଷ ଏମ. ଉମା ମହେଶ୍ୱର ରାଓ, କାର୍ଯ୍ୟକାରୀ ସଦସ୍ୟ ହର ପ୍ରସାଦ ରାଉତ, ଭଗବାନ ପଡାଲ ଏବଂ ଅଜୟ ବାଙ୍କା ପରିଚାଳନା କରିଥିଲେ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ନେଇ ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀମାନେ ନିଶା ନିବାରଣ ନେଇ ଆଲୋଚନା କରୁଛନ୍ତି।

ମାଲକାନଗିରି, ୧୦।୮ (ସ୍ୱ.ପ୍ର.)

ମାଲକାନଗିରି ଜିଲା ଡିଆରଡିଏ କାର୍ଯ୍ୟାଳୟରେ ନିଶା ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ ଲାଗି ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୨ ତାରିଖରେ ଜିଲାରେ ଥିବା ବିଭିନ୍ନ ଶିକ୍ଷା ଅନୁଷ୍ଠାନଗୁଡିକରେ ଜିଲା ପ୍ରଶାସନ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ହେବ। ଏନେଇ ବୁଧବାର ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା। ଏଥିରେ ମାଲକାନଗିରି ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ଉପଖଣ୍ଡିୟ ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାଇଁ, ଭରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ କିଶୋର ଚନ୍ଦ୍ର ବେହେରାଙ୍କ ସମେତ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷାଅଧକ୍ଷ, ଶିକ୍ଷା ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଡ ରଞ୍ଜନ ସାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଆସନ୍ତା ୧୨ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମକୁ ନେଇ ସବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ସଚେତନତାମୂଳକ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

କୋରାପୁଟ, ୧୧।୮ (ସ୍ୱ.ପ୍ର.)

ଭାଇ ଭଉଣୀଙ୍କ ସ୍ନେହରର ବନ୍ଧନ ହେଉଛି ରକ୍ଷା ବନ୍ଧନ। ଭଉଣୀ ମାନେ ଭାଇଙ୍କ ଦୀର୍ଘାୟୁ କାମନା କରି ହାତରେ ରାଖୀ ବାନ୍ଧି ଦେଇଥାନ୍ତି। ଏହି ପବିତ୍ର ଉତ୍ସବ ଗୁରବାର କୋରାପୁଟ ସହରର ବିଭିନ୍ନ ଶିକ୍ଷା ଅନୁଷ୍ଠାନ, ମଣ୍ଡଳକାରାଗାର ଆଦି ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମାକ୍ଷା ପ୍ରସାଦ ପାଢୀଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଭାତ କୁମାର ମାଝି, ସଦସ୍ୟା ସସ୍ମିତା ରାଣୀ ବେହେରା ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରଘୁନାଥ ତାଡ ପରିଚାଳନା କରିଥିଲେ। ସେହିପରି କୋରାପୁଟସ୍ଥିତି ରାମକୃଷ୍ଣ ବିଦ୍ୟାଳୟଠାରେ ବିଦ୍ୟାଳୟର ଅଧକ୍ଷା ତପସ୍ୱିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀମାନେ ଛାତ୍ରମାନଙ୍କୁ ପୂଜାର୍ଚ୍ଚନା କରିବା ସହ ଚନ୍ଦନ ଲଗାଇ ରକ୍ଷା ବନ୍ଧନ କରି ସେମାନଙ୍କ ସୁରକ୍ଷା କାମନା କରିଥିଲେ। ସେହିପରି କୋରାପୁଟ ମଣ୍ଡଳ କାରାଗାରଠାରେ ଆୟୋଜିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ଈଶ୍ୱରୀୟ ବ୍ରହ୍ମାକୁମାରୀମାନେ କାରାଗାରର ଏଲବି ଦାସଙ୍କ ସମେତ ଜେଲର ସମସ୍ତ କର୍ମଚାରୀ ଓ ଅନ୍ତେବାସୀଙ୍କୁ ରାଖୀ ବାନ୍ଧିଥିଲେ। ସେହିପରି ଜେଲରେ ବନ୍ଦୀ ଜୀବନ ବିତାଉଥିବା ଅନ୍ତେବାସୀଙ୍କୁ ସେମାନଙ୍କ ଭଉଣୀ ଜେଲ ପରିସରକୁ ଆସି ରାଖୀ ବାନ୍ଧିବା ଦେଖାଯାଇଥିଲା। ଏପରି କାର୍ଯ୍ୟକ୍ରମ ପାଇଁ କୋରାପୁଟ ମଣ୍ଡଳ କାରଗାର ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା।

# ୪୨ କେଜି ଗଞ୍ଜେଇ ଜବତ, ୨ ଗିରଫ

ଜୟପୁର, ୧୧।୮ (ନି.ପ୍ର.)- ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜୟପୁର ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତର ପ୍ରଦେଶ ମିର୍ଜାପୁରର ରାକେଶ କୁମାର ଓ ଅମିତ କୁମାର। ବୈପାରିଗୁଡାରୁ ଏକ ବାଇକ୍ ଯୋଗେ ଉତ୍ତର ପ୍ରଦେଶ ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ପୋଲିସ କୋଟା ଛକ ନିକଟରେ ଚଢାଉ କରି ବାଇକ ସହ ୪୨ କେଜି ଗଞ୍ଜେଇ ଜବତ କରିଥିଲା। ୨୫୨/୨୨ରେ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ଯବାନଙ୍କ ହାତରେ ରାଖୀ ବାନ୍ଧିଲେ ଛାତ୍ରୀ

ଏମ୍‌ଭି ୭୯, ୧୧।୮ (ଡି.ଏନ.ଏ.)

ଏମ୍‌ଭି ୭୯ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀମାନେ ବିଏସ୍‌ଏଫ୍ କ୍ୟାମ୍ପରେ ରହୁଥିବା ଯବାନଙ୍କ ହାତରେ ରାଖୀ ବାନ୍ଧି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଯବାନମାନେ ସର୍ବଦା ଦେଶମାତୃକାକୁ ସୁରକ୍ଷା ଦେଇ ଆସୁଛନ୍ତି। ଯେକୌଣସି ସମୟରେ ସେମାନେ ଚାହିଁଲେ ମଧ ନିଜ ପରିବାର ପାଖରେ ପହଞ୍ଚି ପାରୁନାହାନ୍ତି। ସେମାନଙ୍କ ଅବଦାନକୁ ପ୍ରଶଂସାକରି ଗୁରୁବାର ରକ୍ଷାବନ୍ଧନ ଅବସରରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀମାନେ ସେମାନଙ୍କୁ ବଡ଼ଭାଇ ମନେକରି ସେମାନଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ଛାତ୍ରୀମାନଙ୍କ ଏପରି କାର୍ଯ୍ୟ ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।



ଛାତ୍ରୀମାନେ ଯବାନଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

# କାଦୁଅରେ ୫ ଖଣ୍ଡ ଗାଁ

ଦଶମନ୍ତପୁର, ୧୧।୮ (ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପାଇକ ଫୁଲବେଡା ସଦର ପଞ୍ଚାୟତ ଠାରୁ ଝୋପରାପଦର ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କାଦୁଅ ହୋଇ ଏକ ପ୍ରକାର ମରଣଯନ୍ତା ପାଲଟିଛି। ଝୋପରାପଦର ଗ୍ରାମ ଫୁଲବେଡ଼ା ଛକଠାରୁ ୭ କି.ମି. ଦୂର। ଏହି ରାସ୍ତାରେ ୫ ଖଣ୍ଡ ଗ୍ରାମ ବଦଳି ମାଳିଗୁଡ଼ା, ସଲପଗୁଡ଼ା, ତେନ୍ତୁଳିଗୁଡ଼ା ଏବଂ ମଧୁ ବିଶାଳି ଗ୍ରାମର ଲୋକମାନେ ନିର୍ଭର କରିଥାନ୍ତି। ଗ୍ରାମବାସୀଙ୍କ ପାଇଁ ପକ୍କାରାସ୍ତା ସାତସପନ ପାଲଟିଛି। ବର୍ଷାଦିନେ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। କାଦୁଅ ରାସ୍ତାରେ ଜରୁରିକାଳୀନ ପରିସ୍ଥିତିରେ ଗ୍ରାମକୁ ୧୦୨ କିମ୍ବା ୧୦୮ ଆମ୍ବୁଲାନ୍ସ ଆସିପାରେ ନାହିଁ। ଦୈନନ୍ଦିନ ଯାତାୟାତ ପାଇଁ ଗାଁକୁ ଭଲ ରାସ୍ତାଟିଏ ନାହିଁ। ବର୍ଷା ଦିନ ଆସିଲେ ଗର୍ଭବତୀ ମହିଳା ଏବଂ ଗୁରୁତର ରୋଗୀଙ୍କୁ ଗ୍ରାମରୁ ୭ କି.ମି. ଦୂର ଭାରରେ ବୋହି ଫୁଲବେଡ଼ା ଛକ ଯାଏ ନେବାକୁ ହୁଏ ବୋଲି କହନ୍ତି ଗ୍ରାମର ନାରାୟଣ ମାଳି, ଉଲାସୀ ମାଳି, ପଦ୍ମା ମାଳି। ତେବେ ଫୁଲବେଡ଼ାଛକଠାରୁ ଝୋପରାପଦର ଗ୍ରାମ ଯାଏ ରାସ୍ତା ନିର୍ମାଣ ନେଇ ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ପାଇଁ ଧାର୍ଯ୍ୟ କରାଯାଇଥିଲେ ମଧ ସମ୍ପୂର୍ଣ୍ଣ ଗ୍ରାମକୁ ରାସ୍ତା ସଂଯୋଗ କରିବା ପରିବର୍ତ୍ତେ କେବଳ ସଲପଗୁଡ଼ା ଗାଁ ଯାଏ ମେଟାଲ ଓ ମୋରମ ପକାଇ ଛାଡି ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଠିକାଦାର ଓ କନିଷ୍ଠଯନ୍ତ୍ରୀଙ୍କ ଅବହେଳାରୁ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ଏନେଇ କୌଣସି ପ୍ରଶାସନିକ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତଠାରୁ ବ୍ଲକ ଏବଂ ଜିଲା ପ୍ରଶାସନକୁ ବାରମ୍ବାର ଲିଖିତ ଭାବେ ଜଣାଇଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ ଏବଂ କନିଷ୍ଠ ଯନ୍ତ୍ରୀ ବକୁଳ ଚନ୍ଦ୍ର ମୁର୍ମୁଙ୍କୁ ପଚାରିବାକୁ ଯୋଗାଯୋଗ କରାଯାଇଥିଲେ ମଧ ଉଭୟେ ଫୋନ ଉଠାଇ ନ ଥିଲେ। ଫଳରେ ଉଭୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଖୁବ୍ ଶୀଘ୍ର ରାସ୍ତା କାର୍ଯ୍ୟ ଶେଷ ନ ହେଲେ ଆଗାମୀ ଦିନରେ ଜିଲାପାଳଙ୍କ ଦ୍ୱାରସ୍ଥ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଗ୍ରାମକୁ ପଡିଥିବା କାଦୁଅ ରାସ୍ତା।

**ଗ୍ରାମବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି ଆମ୍ବୁଲାନ୍ସ ସେବା**

